# ମଶାଣିକୁ ନେଇ ୨ ଗାଁ ମଧ୍ୟରେ ଉତ୍ତେଜନା

**ରାଇଘର,୧୯।୯(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଅନ୍ତର୍ଗତ ରାଇଘର ବ୍ଲକ ସଦର ମହକୁମା ସ୍ଥିତ ମାଛ ବଜାର ନିକଟସ୍ଥ ଏକ ମଶାଣିରେ ଶବ ସତ୍କାରକୁ ନେଇ ୨ ଗ୍ରାମ ମଧ୍ୟରେ ବୁଧବାର ଉତ୍ତେଜନା ଦେଖାଦେଇଛି। ପରିବାର ଲୋକ ଶବ ସତ୍କାର କରି ପାରି ନ ଥିଲେ । ସେହି ମଶାଣୀରେ ଶବ ସତ୍କାର ଦାବି କରି ଉମରକୋଟ-କୁନ୍ଦେଇ ମୁଖ୍ୟ ରାସ୍ତାର ରାଇଘର ବଜାରସ୍ଥିତ ହନୁମାନ ମନ୍ଦିର ନିକଟରେ ମୃତଦେହ ରଖି ପରିବାର ଲୋକ ରାସ୍ତା ଅବରୋଧ କରି ଧାରଣାରେ ବସିଛନ୍ତି।

ରାଇଘର ବଜାରସ୍ଥିତ ମାଛ ବଜାର ନିକଟରେ ଥିବା ଏକ ମଶାଣିରେ ଦୀର୍ଘ ବର୍ଷ ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକେ ନିଜ ସମ୍ପ୍ରଦାୟର ଲୋକଙ୍କ ମୃତ୍ୟୁ ହେଲେ ସେଠାରେ ଶବ ସତ୍କାର କରି ଆସୁଥିଲେ। କିନ୍ତୁ ଗତ ୬ ମାସ ତଳେ ମଶାଣି ନିକଟରେ ରହୁଥିବା ଧଡ୍ରାପାରା ଗ୍ରାମବାସୀ ଉକ୍ତ ମଶାଣିକୁ ନିଜ କବଜାକୁ ନେଇ ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକଙ୍କୁ ଶବ ସତ୍କାର କରିବାକୁ ଦେଇ ନଥିଲେ। ଏହାକୁ ନେଇ ୨ ଗ୍ରାମବାସୀଙ୍କ ମଧ୍ୟରେ ସେତେବେଳେ ଆନ୍ଦୋଳନ ତୀବ୍ର ହୋଇଥିଲା।ଏହା ପରେ ୨୦୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ସମ୍ପ୍ରଦାୟର ମହିଳା ଓ ପୁରୁଷ ନବରଙ୍ଗପୁର ଜିଲାପାଳଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ଅଳ୍ପ ଦିନ ମଧ୍ୟରେ ତାରବାଡ କରିବାକୁ ତତ୍କାଳୀନ ତହସିଲଦାରଙ୍କୁ ଜିଲାପାଳ ଦାୟିତ୍ୱ ଦେଇଥିଲେ। ତେବେ ତହସିଲଦାରଙ୍କ ବଦଳି ହେବାରୁ ସମସ୍ୟାର ସମାଧାନ ହୋଇ ପାରି ନ ଥିଲା। ହଠାତ ମଙ୍ଗଳବାର ରାତିରେ ପାର୍ବତୀ ହରିଜନ (୬୨)ଙ୍କ ମୃତ୍ୟୁ ଘଟିଥିଲା। ପୂର୍ବପୁରୁଷରୁ ଦାହ କରି ଆସୁଥିବା ମାଛ ବଜାର ନିକଟସ୍ଥ ମଶାଣିକୁ ଶବ ନେଇ ପରିବାର ଲୋକ ଯାଇଥିଲେ। ଧଡ୍ରାପାରା ଗ୍ରାମବାସୀ ଶବ ଦାହ କରିବାକୁ ଦେଇ ନ ଥିଲେ। ସେଠାରେ କିଛି ସମୟ ଉତ୍ତେଜନା ଦେଖା ଦେଇଥିଲା। ଶବ ସତ୍କାର କରି ନ ପାରିବାରୁ ପରିବାର ଲୋକ ଓ ସମ୍ପର୍କୀୟ ରାସ୍ତାରେ ମୃତଦେହ ରଖି ରାଇଘର-କୁନ୍ଦେଇ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଘଉଡାଇ ଦେଇଥିଲା। କିନ୍ତୁ ସେହି ମଶାଣିରେ ଶବ ଦାହ କରିବାକୁ ଜିଦ ଧରି ପରିବାର ଲୋକ ରାଇଘର ମୁଖ୍ୟ ବଜାରସ୍ଥିତ ହନୁମାନ ମନ୍ଦିର ନିକଟରେ ମୃତଦେହ ରଖି ରାଇଘର-କୁନ୍ଦେଇ ମୁଖ୍ୟ ରାସ୍ତା ଅବରୋଧ କରିଅପରାହ୍ନ ୨ଟା ୩୦ରୁ ଧାରଣାରେ ବସିଛନ୍ତି। ଘଟଣାସ୍ଥଳରେ ତହସିଲଦାର ହଳଧର ଶବର, ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ସମତେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ବାରମ୍ବାର ବୁଝାଇବା ସତ୍ତ୍ୱେ ଲୋକମାନେ ନିଜ ଜିଦରେ ଅଟଳ ରହିଛନ୍ତି। ଶ୍ମଶାନ ଜମିକୁ ଚିହ୍ନଟ କରି ଜବରଦଖଲ ନ ହଟାଇବା ପର୍ଯ୍ୟନ୍ତ ରାସ୍ତାରୋକୋରୁ ହଟିବୁ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ତହସିଲଦାର ଓ ଆଇଆଇସି ଧଡ୍ରାପାରା ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେହି ସ୍ଥାନରେ ଶବଦାହ କରିବାକୁ ସେମାନେ ମନା କରିଦେଇଥିବା ତହସିଲଦାର କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିଲା।


ପରିବାର ଲୋକ ଓ ସମ୍ପର୍କୀୟମାନେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

- ହୋଇପାରୁନି ଶବ ସତ୍କାର
- ମୃତଦେହ ରଖି ପରିବାର ଲୋକଙ୍କ ରାସ୍ତାରୋକୋ
- ଉଭୟ ପକ୍ଷ ନିଜ ଜିଦରେ ଅଟଳ

# ପାନାବେଡା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ

**ଚନ୍ଦାହାଣ୍ଡି,୧୯।୯(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିସ୍ଥିତ ସରକାରୀ ପାନାବେଡା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଏକ ନିଆରା ଢଙ୍ଗରେ ବୁଧବାର ପାଳିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟ ୧୯।୧୧୯୬୮ ମସିହାରେ ସ୍ଥାପିତ ହୋଇଥିଲା । ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଚନ୍ଦାହାଣ୍ଡି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ସୁପେତ ପୂଜାରୀ, ବିଦ୍ୟାଳୟର ପୂର୍ବତନ କ୍ରୀଡା ଶିକ୍ଷକ ସୁମନ୍ତ କୁମାର କୁଣ୍ଡୁ ,ପୂର୍ବତନ ସଂସ୍କୃତ ଶିକ୍ଷକ ପଞ୍ଚାନନ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ମାଝିଙ୍କ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ ବିଦ୍ୟାଳୟର ଶିକ୍ଷକ ବାବୁଧର ସାହୁ, ଦୈତାରୀ ସାହୁ, ଦେବବ୍ରତ ବିଶ୍ୱାସ, ମୋହନ ସୁନ୍ଦର ଭୋଇ, ବିଭୁଧେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ଅଶୋକ କୁମାର ସାହୁ, ଦିଗନ୍ତ ପାରୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ଶିକ୍ଷକ ଘନଶ୍ୟାମ ସାହୁ ପରିଚାଳନା କରିଥିଲେ ।ଉକ୍ତ ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର , କର୍ମଚାରୀ ମହାଦେବ ମାଝି, କୈବଲ୍ୟ ମାଝି, ଭାରତୀ କୁମାର ଜଗତ ଉପସ୍ଥିତ ଥିଲେ। ଶେଷରେ ସମ୍ମାନିତ ଅତିଥିଙ୍କ କରକମଳରେ କେକ୍ କଟାଯାଇ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।


ସଭାରେ ଉପସ୍ଥିତ ଅତିଥିମାନେ ।

# ୨ୟ ଦିନରେ କଂଗ୍ରେସର ଧାରଣା

**ତେନ୍ତୁଲିଖୁଣ୍ଟି,୧୯।୯(ଡି.ଏନ.ଏ)–**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କଂଗ୍ରେସ ପକ୍ଷରୁ ୫ ଦଫା ଦାବି ନେଇ ଦିଆଯାଇଥିବା ଧାରଣା ବୁଧବାର ୨ୟ ଦିନରେ ପହଞ୍ଚିଛି। ତେବେ ଗୋଟିଏ ଦାବି ପୂରଣ ହୋଇଛି। ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ମହାପ୍ରୟାଣ ଗାଡିରେ ମୃତଦେହ ପଠାଯାଇଥିଲା। ଅନ୍ୟ ଦାବି ସମ୍ପର୍କରେ ବିଡିଓ ଅକ୍ଷମତା କାର୍ଡିକ ଜିଲାପାଳଙ୍କୁ ଜଣାଇଛନ୍ତି। ଗୁରୁବାର ଉପଜିଲାପାଳ ପରୀକ୍ଷିତ ସେଠୀ ଗୃହ ଓ ରାସ୍ତା ନିର୍ମାଣ ବିଭାଗ, ସୋଲାର ପ୍ଲାଣ୍ଟ ଅଥରଟି, ମେଡିକାଲ,ଶିକ୍ଷା ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଜଣାପଡିଛି। ଜିଲା ଆଦିବାସୀ ସେଲ ସଭାପତି ଅଖିଳ ଭତ୍ରା, ଜିଲା ମହିଳା କଂଗ୍ରେସ ସଭାପତି ପି. ନାଗରତ୍ନମ, ଭୀମସେନ ପାଣିଗ୍ରାହୀ, ସୁବାସ କର୍କରା , ବ୍ଲକ କଂଗ୍ରେସ ସଂଖ୍ୟାଲଘୁ ସେଲ ସଭାପତି ରମେଶ ପାତ୍ର, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୁନ୍ଦା ତ୍ରିପାଠୀ, ସମିତି ସଭ୍ୟ ଟୁନା ଭତ୍ରା, ବିପିନ ଟାକ୍ରି, ଆସମାନ ନାୟକ, ସୁରେନ୍ଦ୍ର ଉପସୀ ପ୍ରମୁଖ ଧାରଣାରେ ସାମିଲ ଥିଲେ।

airtel

## ନିରପେକ୍ଷ ବିଜ୍ଞପ୍ତି

### ଭାରତୀ ଏୟାରଟେଲ ଲିମିଟେଡ

ଏତଦ୍ଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 31 ମାର୍ଚ୍ଚ, 2017 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ସେପ୍ଟେମ୍ବର, 2018 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ସେପ୍ଟେମ୍ବର, 2018 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ସେପ୍ଟେମ୍ବର, 2018 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ସେପ୍ଟେମ୍ବର, 2018 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 134161200000504ରୁ 1341701025533121 ।

**ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ**
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍ସନ ମଣ୍ଡେଲା ରୋଡ, ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ, ଭୁବନେଶ୍ୱର–751 024

# ସ୍ୱାଧୀନତା ସଂଗ୍ରାମୀ ଦାୟଦଙ୍କ ବୈଠକ

**ଡାବୁଗାଁ,୧୯।୯(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ସରଗୁଡା ଗ୍ରାମ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସନୁ ମାଝୀ ସେବା ସଂଘ ଠାରେ ସ୍ୱାଧୀନତା ସଂଗ୍ରାମୀ ଦାୟାଦମାନଙ୍କ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ସରାବୁ ଭତ୍ରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଡାବୁଗାଁ, ଝରିଗାଁ, ଚନ୍ଦାହାଣ୍ଡି , ରାଇଘର ଓ ଉମରକୋଟ ବ୍ଲକରୁ ଶତାଧିକ ସ୍ୱାଧୀନତା ସଂଗ୍ରାମୀ ଦାୟାଦମାନେ ଉପସ୍ଥିତ ଥିଲେ । ରାଜ୍ୟ ସରକାର ଦାବି ଗୁଡିକ ପୂରଣ କରିବାକୁ ଯାଉଥିବାରୁ ସମସ୍ତ ଦାୟାଦ ମାନେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀଙ୍କୁ କୃତଜ୍ଞତା ଜଣାଇଥିଲେ । ଦାବିଗୁଡିକ ହେଲା ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ପେନସନ ପ୍ରଦାନ, ପରିଚୟ ପତ୍ର ପ୍ରଦାନ, ଭୂମିହିନଙ୍କୁ ଜମି ପ୍ରଦାନ ଓ ଗୃହ ପ୍ରଦାନ ଭଳି ୧୦ ଦଫା ଦାବି ପୂର୍ବରୁ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ଉପରେ ସରକାର ବିଚାର କରି ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଚିଠି ନଂ ୨୬୮୫୫ / ୧୬।୦୮।୨୦୧୮ ତାରିଖ ଅନୁସାରେ ନବରଙ୍ଗପୁର ଜିଲାପାଳଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ବ୍ଲକରେ ତହସିଲଦାର, କୃଷି ବିଭାଗ ଅଧିକାରୀଙ୍କୁ ନେଇ ମିଳିତ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେବେ । ଏହାପରେ ଜିଲାପାଳ ଉକ୍ତ ରିପୋର୍ଟକୁ ରାଜ୍ୟ ସରକାରଙ୍କୁ ପଠାଇବେ । ଏହି ବୈଠକରେ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ସରଗୁଡା ଗ୍ରାମର ଦଇନୁ ପୂଜାରୀ, ଅନ୍ୟାନ୍ୟ ଗ୍ରାମରୁ ନକୁଳ ପୂଜାରୀ, ସରାବୁ ଭତ୍ରା, ସୁକୁରାମ ଗୌଡ, ଗଜେନ୍ଦ୍ର ମାଝୀ, ନୀଳକଣ୍ଠ ଗୌଡ, ସୁକୁମାନ ପୂଜାରୀ, ମଙ୍ଗୁରୁ ମାଝୀ, ଦିଲ୍ଲୀପ କୁମାର ଦାସ, ହରପ୍ରସାଦ ଶବର, ସପୁର ସେଠ ଦୁରିଆ ଏବଂ ଶତାଧିକ ସଂଗ୍ରାମୀଙ୍କ ଦାୟାଦମାନେ ଉପସ୍ଥିତ ଥିଲେ ।


ବୈଠକରେ ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦମାନେ ।



## ସଂକ୍ଷେପରେ



### ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟ ପାଇଁ ଜାତୀୟ ଦଳରେ ନକୁଳ

**କୋରାପୁଟ,୧୯।୯(ସ୍ୱ.ପ୍ର.):** କୋରାପୁଟର ଛାତ୍ର ନକୁଳ ବଡନାୟକ ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ଖେଳିବା ପାଇଁ ଭାରତୀୟ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ତାଙ୍କର କୋଚ ଚନ୍ଦ୍ରଶେଖର ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ଅକ୍ଟୋବର ୨ରୁ ୪ ଯାଏ ବାଙ୍ଗଲୋରରେ ଇଂଲଣ୍ଡ ବିରୋଧରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟ ପାଇଁ ସେ ମନୋନୀତ ହୋଇଛନ୍ତି। ପୂର୍ବରୁ କୋରାପୁଟର ସୁଖରାମ ମାଝି ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳରେ ସ୍ଥାନ ପାଇ ଅନ୍ତର୍ଜାତୀୟ ପଦାର୍ପଣ କରିସାରିଛନ୍ତି।

### ବିଜେଡି ସାଙ୍ଗଠନିକ ବୈଠକ



**କୋଲାବନଗର/କୋରାପୁଟ, ୧୯।୯(ଡି.ଏନ୍.ଏ./ସ୍ୱ.ପ୍ର.):** କୋରାପୁଟ ସଦର ବ୍ଲକ ବଡ଼କେରେଙ୍ଗା ପଞ୍ଚାୟତ ତଥା ଦେବୀଘାଟ ପଞ୍ଚାୟତରେ ବୁଧବାର ବିଜେଡି ପକ୍ଷରୁ ଆମ ଗାଁ ଆମ ବିକାଶ ପଞ୍ଚାୟତସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିବାବେଳେ ଆଗାମୀ ସାଧାରଣ ନିର୍ବାଚନରେ ଦଳର ପ୍ରାର୍ଥୀମାନେ କିପରି ସଫଳତା ପାଇପାରିବେ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକଭିମୁଖୀ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲ। ଏଥିରେ ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ସଂପାଦକ ଉତ୍କଳ ରଞ୍ଜନ ନାୟକ, ପୂର୍ବତନ ବିଧାୟକ ଗୁପ୍ତପ୍ରସାଦ ଦାସ, ଜିଲା ବିଜେଡି ଯୁବ ସଭାପତି ଅମିତ ଅଗ୍ରୱାଲ, ଉପସଭାପତି ଭରତ ମଲ୍ଲିକ, ଯୁବ ନେତା ରଘୁରାମ ମାଛ, ବ୍ଲକ ସଭାପତି ସାହେବ ଖିଲ, ବଡ଼କେରେଙ୍ଗା ସରପଞ୍ଚ ଲଳିତ ମୋହନ ବଡ଼ନାୟକ, ସମିତିସଭ୍ୟ ରାମସେଲ ମୁଦୁଲି, ବରିଷ୍ଠ ନାଗରିକ ସଂଘ ସଭାପତି ଇଂ ଦୟାନିଧି ବାରିକ, ରଘୁରାମ ଖିଲ, ପ୍ରଭାତ ସୂତାର ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲାରେ ପ୍ରତି ଗ୍ରାମରେ ୱାର୍ଡ଼ କମିଟି କିପରି କାର୍ଯ୍ୟ କରିବ, ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

### ରାସ୍ତା ତଳକୁ ଖସିଲା ଭ୍ୟାନ୍



**ନନ୍ଦପୁର,୧୯।୯(ଡି.ଏନ୍.ଏ):** କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଥିବା ଗ୍ରାମପଞ୍ଚାୟତ ମହକୁମା ହାଟପଦାଠାରେ ବୁଧବାର ଏକ ମାଲ ବୋଝେଇ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ନାଳକୁ ଖସିପଡ଼ିଛି। ପାଡୁଆ ଅଭିମୁଖେ ଯାଉଥିବା ଉକ୍ତ ଗାଡ଼ି(ଏପି୩୧ଟିଜି୭୨୭୨) ନାଳକୁ ଖସିଥିଲେ ମଧ ଏଥିରେ ଥିବା ଚାଳକ ଏବଂ ଅନ୍ୟମାନଙ୍କର କୋଣସି କ୍ଷତି ହୋଇନାହିଁ। ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଏହାକୁ ନାଳରୁ ବାହାର କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ମୁଖ କର୍କଟରେ ପରଲୋକ

**ନନ୍ଦପୁର,୧୯।୯(ଡି.ଏନ୍.ଏ):** ନନ୍ଦପୁର ବ୍ଲକ୍ ଥିବା ପଞ୍ଚାୟତ ପୂର୍ବତନ ସରପଞ୍ଚ ଡ଼ମ୍ବରୁଧର ଖିଲ(୩୫)ଙ୍କ ମୁଖ କର୍କଟ ରୋଗରେ ମୃତ୍ୟୁ ହୋଇଛି। ବୁଧବାର ସକାଳେ କୋରାପୁଟ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ସେ ଥିବା ସରପଞ୍ଚ ରହିଥିଲେ। ପଟାଙ୍ଗି ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡ଼ାମ ଏବଂ ବିଭିନ୍ନ ଦଳର କର୍ମୀ ଓ ନେତା ଡ଼ମ୍ବୁରଧରଙ୍କ ଶେଷ ଦର୍ଶନ କରିଛନ୍ତି।

■ରାଜପଥରୁ ଜବତ ହେଲା ୯୭ କେଜି ଗଞ୍ଜେଇ

# ବାହାର ରାଜ୍ୟର ୩ ଅଭିଯୁକ୍ତ ଗିରଫ

**ଜୟପୁର,୧୯।୯(ଡି.ଏନ୍.ଏ./ନି.ପ୍ର.)**

ଗଞ୍ଜେଇ ଚାଲାଣ କରୁଥିବା ବେଳେ ଜୟପୁର ସଦରଥାନା ପୋଲିସ ବୁଧବାର ୩ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୬ଟି ପଲିଥିନ ବସ୍ତାରେ ୯୭ କେଜି ୩୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ହିସାର ଜିଲା ଉକଲାନା ଥାନା କିନାଲା ଗ୍ରାମର ସତ୍ୟନାରାୟଣ ଶର୍ମା (୩୭) ଏବଂ ରାଜ କୁମାର ସିଂ ଓରଫ ରାଜୁ (୩୨), ବୁଦ୍ଧାଖେରା ଗ୍ରାମର ସଞ୍ଜୟ ମଗା (୧୯)। ଏନଡିପିଏସ୍ ଧାରା ୨୦ (ବି)(୨)(ସି)/୨୯ ଅନୁଯାୟୀ କେସ୍ ନଂ ୧୪୭/୧୮ରେ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ କହିଛନ୍ତି। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ପୂର୍ବାହ୍ନ ୯ଟା ୧୫ରେ ଏସ୍ଆଇ ମୁକୁନ୍ଦଦେବ ନାୟକ ଏବଂ ଏଏସ୍ଆଇ ଏସ୍.କେ. ସରକାର ଜୟପୁର-ମାଲକାନଗିରି ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଏକ ଦାମୀ କାର (ଡିଏଲ ୩ସି ବିବି ୩୫୫୪) ଦ୍ରୁତଗତିରେ ଯାଉଥିବା ବେଳେ ସନ୍ଦେହ ହେବାରୁ ପିଛାକରି ପଣସପୁଟ ଛକ ନିକଟରେ ଗାଡ଼ିକୁ ଅଟକାଇଥିଲା ପୋଲିସ। କାରକୁ ଯାଞ୍ଚ କରିବା ବେଳେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ରଞ୍ଜିତା ମଲ୍ଲିକଙ୍କ ଉପସ୍ଥିତିରେ ପୋଲିସ ସେମାନଙ୍କ ନିକଟରୁ ୫୦,୩୦୦ ଟଙ୍କା, ୪ଟି ମୋବାଇଲ ଫୋନ ଜବତ କରିଛି। ପଚରାଉଚୁରା ବେଳେ ସେମାନେ ଏହି ଗଞ୍ଜେଇ ମାଛକୁଣ୍ଡ ଥାନା ଲମତାପୁଟ ଅଞ୍ଚଳରୁ ଆଣିଥିବା କହିଥିଲେ। ସେଠାକାର ମାଧବ ଓ ସୁବାସ ହନ୍ତାଳ ନାମକ ବ୍ୟବସାୟୀଙ୍କଠାରୁ କିଣିବା ପରେ ଅଧିକ ଲାଭ ପାଇବା ଆଶାରେ ହରିୟାଣାକୁ ଏସବୁ ଚାଲାଣ କରୁଥିଲେ ବୋଲି କହିଛନ୍ତି।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।




ଧାରଣାସ୍ଥଳରେ ଅନଶନ ଆରମ୍ଭ କରିଛନ୍ତି ୩ ସଦସ୍ୟ।

## ଦାବି ପୂରଣ ନହେଲେ ୨୨ରେ ଜୟପୁର ବନ୍ଦ

**ଜୟପୁର,୧୯।୯(ଡି.ଏନ୍.ଏ.)**

ଜୟପୁର ଜାତୀୟ ରାଜପଥ ନୂତନ ଭାବେ ନିର୍ମାଣ ଦାବି ନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ମଙ୍ଗଳବାରଠାରୁ ସ୍ଥାନୀୟ ବାସିନ୍ଦା ଧାରଣାରେ ବସିଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ସଦସ୍ୟ ବୁଧବାରଠାରୁ ଅନଶନ ଆରମ୍ଭ କରିଛନ୍ତି । ୨ଦିନ ଭିତରେ ଦାବି ମୁତାବକ ପ୍ରତିଶ୍ରୁତି ନ ମିଳିଲେ ଆସନ୍ତା ୨୨ ତାରିଖ ଜୟପୁର ବନ୍ଦ କରାଯିବ ବୋଲି ଆନ୍ଦୋଳନର ଆବାହକ ରବୀନ୍ଦ୍ର ମହାପାତ୍ର ଚେତାବନୀ ଦେଇଛନ୍ତି । ବୁଧବାରଠାରୁ ତାଙ୍କ ସମେତ ବ୍ରଜରାଜ ମାଦଳା, ରଘୁନାଥ ନାଗ ଅନଶନ ଆରମ୍ଭ କରିଛନ୍ତି। କର୍ତ୍ତୃପକ୍ଷ ବର୍ଷାଦିନ ସରିବା ପରେ ରାସ୍ତାର ମରାମତି କରାଯିବ ବୋଲି କହିଥିଲେ। କିନ୍ତୁ ନୂତନ ଭାବେ ଉନ୍ନତ ରାସ୍ତା ନିର୍ମାଣ କରିବା ପ୍ରତିଶ୍ରୁତି ନ ମିଳିବା ଯାଏଁ ଧାରଣା ଚାଲିବା ଜିଦ୍‌ରେ ଅନଶନକାରୀ ଅଟଳ ରହିଛନ୍ତି। କୋରାପୁଟ ଜିଲାର ସେମିଳିଗୁଡ଼ାରୁ ବୋରିଗୁମ୍ମା ପର୍ଯ୍ୟନ୍ତ ୬୬ କିଲୋମିଟର ଜାତୀୟ ରାଜପଥ ଖାଲଖମାରେ ଭର୍ତ୍ତି ହେବା ସହ ବର୍ଷା ହେଲେ ପାଣିରେ ଭରି ରହୁଥିବା ବେଳେ ଖରା ହେଲେ ଧୂଳିମୟ ପରିବେଶ ସୃଷ୍ଟି ହେଉଛି।

# ଏନ୍‌ଏଚ୍ ୩୨୬ରେ ବସିଲେ ୧୮ ଗ୍ରାମବାସୀ

**୧୨ ଘଣ୍ଟିଆ ବନ୍ଦ ପାଳିଲେ, ପ୍ରତିଶ୍ରୁତି ପରେ ହଟିଲେ**

**ଲକ୍ଷ୍ମୀପୁର,୧୯।୯**

ଦୁଇ ପଞ୍ଚାୟତବାସୀ ଲକ୍ଷ୍ମୀପୁର ବ୍ଲକ୍ ତୟାପୁଟ ନଂ ୩୨୬ ଜାତୀୟ ରାଜପଥ ଅବରୋଧ କରି ୧୨ ଘଣ୍ଟିଆ ବନ୍ଦ ପାଳନ କରିଛନ୍ତି। ଲକ୍ଷ୍ମୀପୁର ବ୍ଲକ୍ ଚମ୍ପି ପଞ୍ଚାୟତର ତିନି ଗ୍ରାମ ଏବଂ ଦଶମନ୍ତପୁର ବ୍ଲକ୍‌ର ମୁର୍କାର ପଞ୍ଚାୟତର ୧୫ ଗ୍ରାମର ଶତାଧିକ ବାସିନ୍ଦା ରାସ୍ତା ମରାମତି ଏବଂ ବିଏସ୍‌ଏନ୍‌ଏଲ୍ ଟାୱାର ସ୍ଥାପନ ନିମନ୍ତେ ଦାବି କରି ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ।

ବୁଧବାର ରାସ୍ତା ଅବରୋଧ ଫଳରେ ଶହ ଶହ ଯାନବାହନ ରାସ୍ତାରେ ଅଟକି ରହିଥିଲା। ବନ୍ଦ ପାଳନରେ ମୁର୍କାର ପଞ୍ଚାୟତ ସରପଞ୍ଚ ହର୍ସ ମାଣ୍ଡିଙ୍ଗା , ଚମ୍ପି ସରପଞ୍ଚ ରୂପଧର ଜାନି, ତୟାପୁଟ ପଞ୍ଚାୟତ ସରପଞ୍ଚ ଉଦୟ ହିକ୍କା, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଆଶ୍ରିତା ଲାକ୍ରା, ପୂର୍ବତନ ଦଶମନ୍ତପୁର ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର ହୁଇକା, ଉପାଧ୍ୟକ୍ଷ ନାରାୟଣ ବିଷୋଇ, ଲକ୍ଷ୍ମୀପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ କୁମୁଦ ଚନ୍ଦ୍ର ସାଉଁନ୍ତା, ସୁନା ବିଷୋଇ, ଚମ୍ପି ଯୁବକ ସଂଘ ସଭାପତି ଦିପୁନ ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆର୍‌ଡି ଏସ୍‌ଡିଓ ଆର୍‌ଭିଆର୍ ପଟ୍ଟନାୟକ ଏବଂ କିଶୋର ଚନ୍ଦ୍ର ନାୟକ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ମରାମତି ପାଇଁ ଅର୍ଥ ମଞ୍ଜୁରୀ ହୋଇଥିବା ସୂଚନା ଦେଇଥିଲେ ମଧ ଆନ୍ଦୋଳନକାରୀମାନେ ଜିଲାପାଳଙ୍କ ଘଟଣାସ୍ଥଳକୁ ଆସିବାକୁ ଜିଦ୍ କରିଥିଲେ। ଦିନ ୧ଟାରେ କୋରାପୁଟ ଜିଲା ପ୍ରଶାସନିକ ଅଧିକାରୀ ଆଲୋକ ଅନୁଗୁଳିଆ ପହଞ୍ଚି ୨ ମାସ ମଧ୍ୟରେ ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ ତହସିଲ୍‌ଦାର ଆଇଜାକ୍ ମଦିନା, ଅତିରିକ୍ତ ତହସିଲଦାର ରଞ୍ଜନ ମାନ୍‌ସେଟ, ବିଡିଓ ବେଣୁଧର ଶବର ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଲକ୍ଷ୍ମୀପୁର ପୋଲିସ ତରଫରୁ ଏସ୍‌ଡିପିଓ ତପନ ନାରାୟଣଙ୍କ ନେତୃତ୍ୱରେ ଫୋର୍ସ ମୂତୟନ କରାଯାଇଥିଲା। ଚମ୍ପିରୁ ମୁର୍କାର ପଞ୍ଚାୟତ ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଏହାକୁ ତୁରନ୍ତ ମରାମତି କରିବାକୁ ଦାବି ହୋଇଛି। ସେହିପରି ଉକ୍ତ ଦୁଇ ପଞ୍ଚାୟତ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବିଏସ୍‌ଏନ୍‌ଏଲ୍ ଟାୱାର ସ୍ଥାପନ କରିବାକୁ ବାସିନ୍ଦା ଦାବି କରିଛନ୍ତି। ଜିଲା ପ୍ରଶାସନ ପ୍ରତିଶ୍ରୁତିକୁ ୨ ବର୍ଷ ବିତିଯାଇଥିଲେ ବି ରାସ୍ତା ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇରହିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



ରାସ୍ତା ମରାମତି ଏବଂ ବିଏସ୍‌ଏନ୍‌ଏଲ୍ ଟାୱାର ସ୍ଥାପନ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ।



ରମେଶ ଚନ୍ଦ୍ର ସ୍ୱାଇଁ

## ରମେଶ ଜାତୀୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଅଧିକାରୀ ନିଯୁକ୍ତ

**ଦାମନଯୋଡ଼ି, ୧୯।୯(ଡି.ଏନ୍.ଏ.)**

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମଠାରେ ୫୮ତମ ଜାତୀୟ ଦୌଡ଼କୁଦ ପ୍ରତିଯୋଗିତା ସେପ୍ଟେମ୍ବର ୨୫ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଅଲିମ୍ପିଆନ୍, ଏସିଆଡ୍ ସ୍ୱର୍ଣ୍ଣବିଜେତାଙ୍କ ସହ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଜାପାନୀ ଖେଳାଳି ମଧ ଭାଗ ନେବେ। ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିର ଦାମନଯୋଡ଼ିର ଶାରୀରିକ ଶିକ୍ଷା ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ ଥ୍ରୋ ବିଭାଗ ମୁଖ୍ୟ ଭାବରେ ବୈଷୟିକ ଅଧିକାରୀ ଦାୟିତ୍ୱ ତୁଲାଇବା ପାଇଁ ଆଥ୍‌ଲେଟିକ ଫେଡେରେଶନ୍ ଅଫ୍ ଇଣ୍ଡିଆ ଦ୍ୱାରା ମନୋନୀତ ହୋଇଛନ୍ତି। ଏହା ପୂର୍ବରୁ ସେ ଏସିଆନ୍ ଆଥଲେଟିକ୍ ମିଟ୍‌ରେ ବୈଷୟିକ ଅଧିକାର ଦାୟିତ୍ୱ ତୁଲାଇ ସାରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଜିଲା ଆଥ୍‌ଲେଟିକ୍ ସଂଘ ସମ୍ପାଦକ ଅନୁପ କୁମାର ପାତ୍ର , ସବ୍‌ଡିଭିଜନ ଆଥଲେଟିକ୍ ସଂଘ ସମ୍ପାଦକ ରବି ନାୟକ ସଫଳତା ପାଇଁ ସାଧୁବାଦ ଜ୍ଞାପନ କରିଛନ୍ତି।

■ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

# ସ୍ୱାବଲମ୍ବୀ କରିବ ମଧୁର ଜଳରେ ମାଛ ଚାଷ

**କୋରାପୁଟ,୧୯।୯(ସ୍ୱ.ପ୍ର.)**

କୋରାପୁଟ ବ୍ଲକ ଦୟାନିଧିଗୁଡ଼ା କୃଷକ କ୍ଷେତ୍ର ବିଦ୍ୟାଳୟରେ ବୁଧବାର 'ପ୍ରଗତି' ଓ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟଚାଷ ସଂସ୍ଥା ଆନୁକୂଲ୍ୟରେ 'ମଧୁର ଜଳରେ ମାଛ ଚାଷ' ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମତ୍ସ୍ୟଚାଷ ସଂସ୍ଥାର ପ୍ରମୁଖ ବୈଜ୍ଞାନିକ ଡ. ବିକାଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଚାଷୀଙ୍କୁ ଆଦିବାସୀ ଅଞ୍ଚଳ ପାଇଁ ଉପଯୋଜନା ଅନ୍ତର୍ଗତ ଉନ୍ନତ ପ୍ରଣାଳୀରେ ମାଛ ଚାଷ ସଂପର୍କରେ ପରାମର୍ଶ ଦେଇଥିଲେ। ଜିଲାର ଚାଷୀଙ୍କୁ ଏ ସମ୍ପର୍କିତ ତାଲିମ, ମାଛ ଜାଆଁଳ ଓ ଖାଦ୍ୟ ସହାୟତା ଦିଆଯାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଯିବ ବୋଲି କୁହାଯାଇଥିଲା। ବୈଜ୍ଞାନିକ ଡ. ଅଶୋକ ବରାଳ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଜୈବ ବିବଧିତା ବିଭାଗ ମୁଖ୍ୟ ଡ. ଶରତ ପାଲିତା, ଜିଲା ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ସୀମାଞ୍ଚଳ ବେହେରା, ଜିଲା ମତ୍ସ୍ୟ ଅଧିକାରୀ ଅରୁଣ ବେହେରା, ଜିଲା କୃଷି ଅଧିକାରୀ ସୁବ୍ରତ ରଥ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ମାଛ ଚାଷ ସଂସ୍ଥା ତଦାରଖ ଓ ସମୀକ୍ଷା ବିଭାଗର ମୁଖ୍ୟ ଡ. ଉତ୍କଳ ଲକ୍ଷ୍ମୀ ମହାନ୍ତି ଆଗକୁ ସମନ୍ୱିତ ଉନ୍ନତ ପ୍ରଣାଳୀ ମାଛ ଚାଷ ଦ୍ୱାରା କୋରାପୁଟ ଜିଲାର ଆଦିବାସୀ ଓ ପଛୁଆ ବର୍ଗର ଚାଷୀଙ୍କ ଜୀବନ ଜୀବିକା ଓ ଆର୍ଥିକ ଉନ୍ନତି କରାଯାଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ, କୋଟପାଡ଼, ବୋରିଗୁମ୍ମା, ନନ୍ଦପୁର ବ୍ଲକର ୨ଶହରୁ ଊର୍ଦ୍ଧ୍ୱ ଚାଷୀ ଭାଗ ନେଇଥିଲେ। ପ୍ରଗତିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଡ. ଲୁନା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଟିମ ଲିଡର ମୁରଲିଧର ଅଧିକାରୀ ଓ ଗୁପ୍ତେଶ୍ୱର ନାୟକ ଏଥିରେ ସହଯୋଗ କରିଥିଲେ ।



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# କର୍ତ୍ତୃପକ୍ଷ-କର୍ମକର୍ତ୍ତା ଆଲୋଚନା ବିଫଳ

**■ବିଲ୍ଟ ସେୱା କାଗଜକଳ**
**■ମଙ୍ଗଳବାରକୁ ଗଡ଼ିଲା ନିଷ୍ପତ୍ତି ପ୍ରକ୍ରିୟା**

**ଜୟପୁର,୧୯।୯(ଡି.ଏନ୍.ଏ./ନି.ପ୍ର.)**

ସ୍ଥାନୀୟ ଶ୍ରମ ବିଭାଗ ଉପ ସଚିବଙ୍କ କାର୍ଯ୍ୟାଳୟରେ ବୁଧବାର ଗାଗନାପୁରସ୍ଥିତ ବିଲ୍ଟ ସେୱା କାଗଜକଳ କର୍ତ୍ତୃପକ୍ଷ ଏବଂ ୪ କର୍ମଚାରୀ ଓ ଶ୍ରମିକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଛି। କର୍ତ୍ତୃପକ୍ଷ କେତେକ ସର୍ତ୍ତ ରଖି ସୋମବାର ସୁଦ୍ଧା ଏନେଇ ୪ଟି ସଂଘ ଲିଖିତ ଭାବେ ଦେବା ପାଇଁ କୁହାଯାଇଛି। ସର୍ତ୍ତରେ ରାଜି ହେଲେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ କାଗଜକଳ ତାଲା ଖୋଲିବ ଓ ଉତ୍ପାଦନ ଆରମ୍ଭ ହେବ ବୋଲି ବୈଠକରେ ସ୍ଥାନୀୟ କାଗଜକଳ ଡିଜିଏମ କେଶବ ରେଡ୍ଡି ସର୍ତ୍ତ ରଖିଥିଲେ। କର୍ମଚାରୀ କିମ୍ବା ଶ୍ରମିକ କାଗଜକଳରେ ବିଶୃଙ୍ଖଳା କରିବେ ନାହିଁ। ୨୦୧୭ ମେରେ କାଗଜକଳ କର୍ତ୍ତୃପକ୍ଷଙ୍କ ସହ ସ୍ୱୀକୃତିପ୍ରାପ୍ତ କର୍ମଚାରୀ ସଂଘ ଓ ଅନ୍ୟ ଦୁଇଟି ସଂଘର ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ଯେଉଁ ଚୁକ୍ତିନାମା କରାଯାଇଛି, ଏହାକୁ ସମସ୍ତେ ସମର୍ଥନ ଦେବେ। ପ୍ରତ୍ୟେକ ମାସରେ ୫୪୦୦ ମେଟ୍ରିକ ଟନ ଉତ୍ପାଦନ ହେବା ପରେ ସମସ୍ତ ବକେୟା ଦରମା ଓ ଅନ୍ୟ ଭତ୍ତା ଦିଆଯିବ। ଏହି ସର୍ତ୍ତକୁ ପୂର୍ବରୁ ରାଜିନାମାରେ ସ୍ୱାକ୍ଷର କରିଥିବା ତିନୋଟି କର୍ମଚାରୀ ସଂଘ ମାନିଥିଲେ ସୁଦ୍ଧା ଭାରତୀୟ ମଜୁଦର ସଂଘ ସମର୍ଥିତ ସଂଘର କର୍ମକର୍ତ୍ତା ମାନି ନଥିଲେ । ସେମାନେ ଗତ ଜୁଲାଇର ଦରମା କର୍ମଚାରୀଙ୍କୁ ଦେବା ପାଇଁ ଦାବି କରିଥିଲେ। ନଚେତ ଲିଖିତ ସର୍ତ୍ତାବଳୀ ଦେବେ ନାହିଁ ବୋଲି ସେମାନେ ଅଡ଼ି ବସିଥିଲେ। ନିଷ୍ପତ୍ତି ନ ହେବା ଯାଏଁ କାହାକୁ ଛାଡିବେ ନାହିଁ ବୋଲି ବାହାରେ ଥିବା ଶତାଧିକ କର୍ମଚାରୀ କାର୍ଯ୍ୟାଳୟ ଘେରାଉ କରିଥିଲେ। ଆସନ୍ତା ମଙ୍ଗଳବାର ଅନ୍ୟ ବୈଠକରେ ନିଷ୍ପତ୍ତି ପାଇଁ ସ୍ଥିର ହୋଇଥିଲା । ବୈଠକରେ ଶ୍ରମ ଉପସଚିବ ଗୀତାଞ୍ଜଳି ପତି, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ, କାଗଜକଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡିଜିଏମ ରେଡ୍ଡି, ସହକାରୀ ମ୍ୟାନେଜର କୃଷ୍ଣଚନ୍ଦ୍ର ସାହୁ, ଉପପ୍ରବନ୍ଧକ ଶକ୍ତି ମିଶ୍ର, ୪ଟି ୟୁନିଅନ କର୍ମକର୍ତ୍ତା ପ୍ରମୋଦ ମହାନ୍ତି, ଭି. ରବି କୁମାର, ସରୋଜ ସୁଆର, ସନ୍ଦିପ ପଟ୍ଟନାୟକ, ବିଦ୍ୟାଧର ଜେନାମଣି, ଅମନ ଉଜୟିନ ନାୟକ ଏବଂ ସ୍ୱୀକୃତପ୍ରାପ୍ତ ସଂଘର ଏନ. ସୁରେଶ କୁମାର, ଏମ.ଆର. ପାଢୀ ଉପସ୍ଥିତ ଥିଲେ ।

## ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର

**ଲକ୍ଷ୍ମୀପୁର,୧୯।୯**

ଲକ୍ଷ୍ମୀପୁର ବ୍ଲକ୍ ତୁନପାର ପଞ୍ଚାୟତ ବସ୍ତର ବନ୍ଧ ଗ୍ରାମରେ ଭୁବନ ଦରା (୬୨) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଉକ୍ତଗ୍ରାମ ନିକଟସ୍ଥ ମଙ୍ଗାଖୋଲା ପାହାଡ଼ରେ ପୋଡୁଚାଷ ଜମିକୁ ଯାଇଥିବା ସମୟରେ ବୃଦ୍ଧାଙ୍କୁ ଭାଲୁ ଆକ୍ରମଣ କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ତୁନପାର ସରପଞ୍ଚ କୁନୀ ଧାଙ୍ଗଡ଼ାମାଝି କାକରିଗୁମ୍ମା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଏଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ହେବା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଲକ୍ଷ୍ମୀପୁର ରେଞ୍ଜର କୁମାର ଖରା ଏବଂ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର କଲେକା ବୃଦ୍ଧାଙ୍କ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

■ଛାତରୁ ଖସିଲା ପ୍ଲାଷ୍ଟର

## ବର୍ତ୍ତିଲେ ୩ ଗର୍ଭବତୀ, ୨ ରୋଗୀ

**ଦଶମନ୍ତପୁର,୧୯।୯(ଡି.ଏନ୍.ଏ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପୋଡ଼ାଗଡ଼ ଗ୍ରାମପଞ୍ଚାୟତର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-୨ରେ ବୁଧବାର ଛାତରୁ ପ୍ଲାଷ୍ଟର ଖସିପଡ଼ିଛି। ଏଠାରେ ଚିକିତ୍ସାଧୀନ ୩ ଗର୍ଭବତୀ ଏବଂ ଅନ୍ୟ ୨ ଜଣ ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କିନ୍ତୁ ସମସ୍ତଙ୍କୁ ସାମାନ୍ୟ ଆଘାତ ପହଞ୍ଚିଥିବା ଜଣାପଡ଼ିଛି। ଏଲ୍‌ଏଚ୍‌ଭି ସତ୍ୟଭାମା ସାହୁଙ୍କ କହିବା ଅନୁଯାୟୀ, ଡକ୍ତରଖାନା ଗୃହ ମରାମତି ପାଇଁ ଗ୍ରାମବାସୀ ଅନେକ ଦିନରୁ ଦାବିକରି ଆସୁଥିଲେ ମଧ ତାହା କରାଯାଉନାହିଁ। ଛାତ ଅବସ୍ଥା ଭଲ ନ ଥିବାରୁ ପ୍ଲାଷ୍ଟର ଖସୁଛି ବୋଲି ସେ କହିଛନ୍ତି। ଘଟଣା ବିଷୟରେ ମତାମତ ନେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଯୋଗାଯୋଗ କରାଯାଇ ଥିଲେ ମଧ ସମ୍ପର୍କ ସମ୍ଭବ ହୋଇପାରିନାହିଁ।



ବୋରିଗୁମ୍ମା ବ୍ଲକ ଶଶାହାଣ୍ଡି ପଞ୍ଚାୟତ ନୂଆଗାଁ ଗଣେଶ ପୂଜାରେ ୨୩,୫୦୦ ଟଙ୍କାରେ ଲଡୁ ନିଲାମ ହୋଇଛି। ଏହାକୁ କିଣିଛନ୍ତି ଯଦୁରାମ ବିଷୋୟୀ।

■ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

## ଦୀନବନ୍ଧୁ ନାୟକ ପ୍ରଥମ

**ସେମିଳିଗୁଡ଼ା,୧୯।୯(ସ୍ୱ.ପ୍ର)**

ସେମିଳିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜେନାଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ସେମିଳିଗୁଡ଼ା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରେମାନନ୍ଦ ରାଉତ ଏବଂ ସୁନାବେଡ଼ା ମହିଳା ବିଦ୍ୟାଳୟ ରାସାୟନ ବିଜ୍ଞାନ ବିଭାଗ ଅଧ୍ୟାପିକା ରୋଜାଲିନା ଦାସ ଯୋଗଦେଇଥିଲେ। ଏଥିରେ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଦୁଧାରୀର ଦଶମ ଶ୍ରେଣୀ ଛାତ୍ର ଦିନବନ୍ଧୁ ନାୟକ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ୨୨ ରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ରାଜେନ୍ଦ୍ର ତ୍ରିପାଠୀ, ବିଷ୍ଣୁପ୍ରିୟା ସାମନ୍ତସିଂହାର, ମମତା ରାଏ ଏବଂ ରଶ୍ମିତା ସେଠୀ ସହଯୋଗ କରିଥିଲେ।

## ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ବିନାୟକ କଲ୍ୟାଣ ଉତ୍ସବ

**ସୁନାବେଡ଼ା, ୧୯।୯(ଡି.ଏନ୍.ଏ)**

ତେଲୁଗୁ ବିଜ୍ଞାନ ସମିତି ପକ୍ଷରୁ ଆୟୋଜିତ ହାଲସ୍ଥିତ କଲ୍ୟାଣ ମଣ୍ଡପଠାରେ ବିନାୟକ କଲ୍ୟାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ପ୍ରତିବର୍ଷ ଗଣେଶ ପୂଜା ୭ ଦିନ ଧରି ଚାଲିଥାଏ। ଆଖପାଖ ଅଞ୍ଚଳର ତେଲୁଗୁ ଲୋକଙ୍କ ସହ ଅନ୍ୟ ସମ୍ପ୍ରଦାୟର ଅନେକ ଲୋକ ଗଣେଶଙ୍କ ଦର୍ଶନ କରିବାକୁ ଆସିଥାନ୍ତି। ଏଭଳି ପୂଜା ୩୦ ବର୍ଷ ଧରି ଏଠାରେ ଚାଲିଆସୁଥିବା ଜଣାପଡ଼ିଛି। ଖୁବ୍ ଧୁମ୍‌ଧାମ୍‌ରେ ଗଣେଶଙ୍କ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।



ବିନାୟକ କଲ୍ୟାଣ ଉତ୍ସବରେ ପୂଜାର୍ଚ୍ଚନା ଚାଲିଛି।

## ସଂକ୍ଷେପରେ

### ବିଜୁ ଯୁବବାହିନୀ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**ଗୋଷାଣି, ୧୯।୯(ଡି.ଏନ.ଏ.):** ଗଜପତି ଜିଲା ଗୋଷାଣି ବ୍ଲକର ଭୁଶୁକୁଡି ପଞ୍ଚାୟତରେ ବୁଧବାର ବିଜୁ ଯୁବ ବାହିନୀ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୨୩୪ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଯୋଗାଇ ଦିଆଯାଇଥିଲା। ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପତିତପାବନ ବାରିକ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଜୁ ଯୁବ ବାହିନୀର ଜିଲା ସଭାପତି ଚିନୁରାଜ, କେ. ଲିଙ୍ଗରାଜୁ, କେ. ପ୍ରଦୀପ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସେହିପରି ବଡକତୁରୁ ପଞ୍ଚାୟତରେ ବିଜୁ ଯୁବ ବାହିନୀର ସଦସ୍ୟମାନେ ଗାଁ ଗାଁ ବୁଲି ଆବର୍ଜନା ସଫେଇ କରିଥିଲେ।

### ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି

**କାଶୀପୁର, ୧୯।୯(ଡି.ଏନ୍.ଏ):** ରାୟଗଡା ଜିଲା କାଶୀପୁର ବ୍ଲକ୍ ସଭାଗୃହରେ ବୁଧବାର ବିଡିଓ ବେଦଧର ପ୍ରଧାନଙ୍କ ନେତୃତ୍ୱରେ ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଉକ୍ତ ଯୋଜନାରେ କାର୍ଯ୍ୟ ହେଉଥିବା ସମୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କୁ ଅବଗତ କରାଯିବା ସହ ଏହାର ସମାଧାନ ପାଇଁ ଦାବି କରାଯାଇଛି। ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ରୁଆଇ ମାଝି,ଏବିଡିଓ ବଳରାମ ପାତ୍ର, ନରେନ୍ଦ୍ର ନାଏକ, ସାମାଜିକକର୍ମୀ ସୁମନି ଝୋଡ଼ିଆଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

■ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ପାରଳାଖେମୁଣ୍ଡି, ୧୯।୯(ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣି ବ୍ଲକର ୫ଜଣ ସରପଞ୍ଚ ଓ ସମିତିସଭ୍ୟ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ସେମାନଙ୍କ ପ୍ରତି ଅଣଦେଖା ଅଭିଯୋଗ ଆଣିଛନ୍ତି। ଏ ନେଇ ସେମାନେ ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇଛନ୍ତି। ଗୋଷାଣୀ ବ୍ଲକର ମଧୁସୁଦନପୁର, ବୋମିକା, ରମ୍ଭା, ଭୁଷୁକୁଡି ଏବଂ କତଲକଇଠା ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ କହିଛନ୍ତି ଯେ, ସେମାନଙ୍କୁ ଅଣଦେଖା କରାଯାଇ ଅନ୍ୟ ପଞ୍ଚାୟତର ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପାଦନ କରାଯାଉଛି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଯେଉଁ ଉନ୍ନୟନ କାର୍ଯ୍ୟକ୍ରମ ଆବଶ୍ୟକ ତାହା ଲୋକଙ୍କ ସହ ଆଲୋଚନା କରି ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡସଭ୍ୟମାନଙ୍କ ଅନୁମୋଦନ କ୍ରମେ ସ୍ଥିର କରାଯାଇ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ପଞ୍ଜୀକରଣ କରାଯାଇଥିଲା। ମାତ୍ର ଗୋଷାଣୀ ବ୍ଲକର ଅଧିକାରୀମାନେ କିଛି ସରପଞ୍ଚ ଓ ସମିତିସଭ୍ୟଙ୍କୁ ଅବଗତ ନ କରାଇ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହା ଅନୁଚିତ ହୋଇଥିବାରୁ ଜିଲାପାଳ ଏ ଦିଗରେ ତଦନ୍ତ କରି ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି। ସରପଞ୍ଚ ଏସ୍. ବେଣୁଗୋପାଳ, ବି.ବାଲାରାଜୁ, ଏମ୍.କ୍ରିଷ୍ଣାରାଓ, ସମିତିସଭ୍ୟା କେ.ଭାଗ୍ୟଲକ୍ଷ୍ମୀ ପ୍ରମୁଖ ଏ ନେଇ ଜିଲାପାଳ ଏବଂ ବିଧାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ସ୍ମାରକପତ୍ର ଦେବାକୁ ଆସିଥିବା ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟମାନେ।

■ ଅଭିଯୋଗ ଆଣିଲା ଭାଜପା

# କୁଜାସିଂ ପଞ୍ଚାୟତରେ ସରକାରୀ ଯୋଜନା ହରିଲୁଟ ହେଉଛି

**ପାରଳାଖେମୁଣ୍ଡି, ୧୯।୯(ସ୍ୱ.ପ୍ର.)**

ଗଜପତି ଜିଲା ଗୁମ୍ମା ବ୍ଲକର କୁଜାସିଂ ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନା ହରିଲୁଟ ହେଉଥିବା ଅଭିଯୋଗ ଆଣିଛି ଭାଜପା। ବୁଧବାର ଉକ୍ତ ପଞ୍ଚାୟତକୁ ଭାଜପାର ଏକ ଟିମ୍ ଗସ୍ତ କରିଥିଲା। ସେଥିରେ ଜିଲା ଭାଜପା ସାଧାରଣ ସମ୍ପାଦକ ଜଗନ୍ନାଥ ପ୍ରସାଦ ମହାପାତ୍ର, ପୂର୍ବତନ ସଭାପତି ସିଦ୍ଧେଶ୍ୱର ମିଶ୍ର, କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ, ଗୁମ୍ମା ମଣ୍ଡଳ ସଭାପତି ରାମକୃଷ୍ଣ ପାଇକ ପ୍ରମୁଖ ରହିଥିଲେ। ଏମାନେ ଅଭିଯୋଗ କରିଛନ୍ତି ଯେ, କୁଜାସିଂ ପଞ୍ଚାୟତର ମଣ୍ଡଳ ସାହି ଓ ଗମାଙ୍ଗ ସାହିରେ ବାସ କରୁଥିବା ପ୍ରାୟ ୧୦୦ ପରିବାର ୨ବର୍ଷ ହେବ କିରୋସିନି ପାଇନାହାନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ଉଜ୍ୱାଲା ଯୋଜନା ଏଠାରେ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ନାହିଁ। ଫଳରେ କୌଣସି ପରିବାର ଠିକ ଭାବେ ଉପକୃତ ହୋଇପାରିନାହାନ୍ତି। କେନ୍ଦ୍ର ସରକାରଙ୍କ ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ବିଫଳ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ମାଗଣା ବିଜୁଳି ଯୋଗାଣ ଯୋଜନା ମଧ୍ୟ ଏଠାରେ ପହଞ୍ଚି ପାରିନାହିଁ। ଗରିବ ଶ୍ରେଣୀର ହିତାଧିକାରୀମାନଙ୍କଠାରୁ ବିଦ୍ୟୁତ ଯୋଗାଇବା ପାଇଁ ଅର୍ଥ ହଡପ କରାଯାଇଛି। ଏ ସଂକ୍ରାନ୍ତରେ ଅଭିଯୋଗ ଜଣାଇବା ପାଇଁ ଭାଜପା କର୍ମକର୍ତ୍ତାମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ କୌଣସି ଅଧିକାରୀଙ୍କ ଦେଖା ମିଳିନଥିଲା ବୋଲି ଜିଲା ସାଧାରଣ ସମ୍ପାଦକ ମହାପାତ୍ର କହିଛନ୍ତି।



କୁଜାସିଂ ଗସ୍ତରେ ଯାଇଥିବା ଭାଜପା କର୍ମକର୍ତ୍ତା।

# ଅବକାରୀ ଚଢ଼ାଉ

■୧୨ ଶହ ଲିଟର ପୋଚ ନଷ୍ଟ

■୫୦ ଲିଟର ମହୁଲି ଜବତ: ଜଣେ ଗିରଫ

**କାଶୀପୁର,୧୯।୯(ଡି.ଏନ୍.ଏ)**

ରାୟଗଡା ଜିଲା କାଶୀପୁର ବ୍ଲକର ବିଭିନ୍ନ ଗ୍ରାମରେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଅବକାରୀ ଅଧୀକ୍ଷକ ଦଣ୍ଡପାଣୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଅବକାରୀ ମୋବାଇଲ ସ୍କାଡ୍ ଓ କାଶୀପୁର ଅବକାରୀ ଉପ ନିରୀକ୍ଷକ କର୍ମଚାରୀଙ୍କ ସହାୟତାରେ ସାଗବାରୀ ଗ୍ରାମରେ ଚଢଉ କରି କାଳିଆମଣି ନାୟକଙ୍କ ବାସଗୃହରୁ ୨୦ ଲିଟର ଦେଶୀ ରନ୍ଧା ମହୁଲି ଜବତ କରିବା ସହ କାଳିଆମଣିଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କୁ କାଶୀପୁର କୋର୍ଟକୁ ଫରୱାର୍ଡ଼ କରାଯାଇଛି।

ସେହିପରି ବଣ୍ଡେଲ ଗ୍ରାମର ପାହାଡ଼ ନିକଟ ଏକ ଝୋଲାରୁ ୩୦ ଲିଟର ଦେଶୀ ରନ୍ଧା ମହୁଲି ଜବତ କରାଯିବା ସହ ୯୦୦ଲିଟର ମହୁଲି ପୋଚ, ଏବଂ କଣ୍ଟାମାଳ ଗ୍ରାମରୁ ୩୦୦ ଲିଟର ପୋଚ ନଷ୍ଟ କରାଯାଇଛି। ଏହି ଚଢଉ ବେଳେ ଜିଲା ମୋବାଇଲ ସ୍କାଡ଼ର ଏସ୍‌ଆଇ ଉତ୍ତମ ବେହେରା, ଉପନିରୀକ୍ଷକ ଦୀନବନ୍ଧୁ ସିରାଙ୍କ ସହ ଅବକାରୀ ବିଭାଗର କର୍ମଚାରୀମାନେ ସାମିଲ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ଆରମ୍ଭ

**ଗୋଷାଣି, ୧୯।୯(ଡି.ଏନ.ଏ.)**

ଗଜପତି ଜିଲା ଗୋଷାଣି ବ୍ଲକର ଗାରାବନ୍ଧସ୍ଥ ଶ୍ରୀ ଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବୁଧବାରଠାରୁ ଷଷ୍ଠ ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହାକୁ ବିଡିଓ ସଂଗ୍ରାମ କେଶରୀ ପଣ୍ଡା ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷାଧିକାରୀ ସଞ୍ଜିବ କୁମାର ସିଂଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଥାନାଧିକାରୀ ପ୍ରଶାନ୍ତ ଭୂପତି ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କେ. ଗୀତା ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି. ତିରୁମାଲା ରାଓ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲାର ୭ଟି ବ୍ଲକ ଅଧୀନ ୮୦ଟି ବିଦ୍ୟାଳୟର ୫୮୬ ପ୍ରତିଯୋଗୀ ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରେ ୧୮୪ ଛାତ୍ରୀ ଓ ୪୦୨ ଛାତ୍ର ରହିଛନ୍ତି। ପ୍ରଥମ ଦିବସରେ ଭଲିବଲ, ଖୋଖୋ, କବାଡି, ତୀରଚାଳନା, ରଗବୀ ଫୁଟବଲ, ୩ହଜାର ମିଟର ଦୌଡ (ଉଭୟ ବାଳିକା ଓ ବାଳକ), ୬ଶହ ମିଟର ଦୌଡ (ସବଜୁନିୟର) ଏବଂ ୧୦୦ ମିଟର ଦୌଡ଼ରେ ଚୂଡାନ୍ତ ପ୍ରତିଯୋଗିତା ହୋଇଥିଲା। ଗୁରୁବାର ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ, ଡିସକସ୍ ଥ୍ରୋ, ଫୁଟବଲ, କ୍ରିକେଟ, ଥ୍ରୋବଲ୍, ଟେନିକଏଟ, ସବଜୁନିୟର କବାଡି ଇତ୍ୟାଦି ପ୍ରତିଯୋଗିତା ହେବ।

airtel

## ନିରପେକ୍ଷ ବିଜ୍ଞପ୍ତି

**ଭାରତୀ ଏୟାରଟେଲ ଲିମିଟେଡ**

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 31 ମାର୍ଚ୍ଚ, 2017 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ସେପ୍ଟେମ୍ବର, 2018 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ସେପ୍ଟେମ୍ବର, 2018 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ସେପ୍ଟେମ୍ବର, 2018 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍‌ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ସେପ୍ଟେମ୍ବର, 2018 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍‌ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341612000000504ରୁ 1341701025533121 ।

**ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ**
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ,
ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି,
ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ,
ଭୁବନେଶ୍ୱର–751 024



## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ଡଙ୍ଗରିଆ ଛାତ୍ରୀଙ୍କ ମୃତ୍ୟୁ

କଲ୍ୟାଣସିଂହପୁର, ୧୯।୯(ଡି.ଏନ୍.ଏ.)- ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତର କାନସୁର ଗ୍ରାମସ୍ଥିତ ଡିକେଡିଏ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ବାଳିକା ପ୍ରୋଜେକ୍ଟ ସ୍କୁଲର ଜଣେ ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ସେ ହେଲେ ତୃତୀୟ ଶ୍ରେଣୀ ଛାତ୍ରୀ ରଶ୍ମିତା କାଡ୍ରାକା (୮)। ପ୍ରକାଶ ଯେ, ସେ ନୂଆଁଖାଇ ପାଳିବାକୁ ଗତ ଶନିବାର ପାର୍ସାଲିସ୍ଥିତ ନିଜ ଘରକୁ ଯାଇଥିଲେ। ବାପା ରାଗୀ କାଡ୍ରାକାଙ୍କ ସହ ସୋମବାର ସ୍କୁଲକୁ ଆସିଥିଲେ। ମଙ୍ଗଳବାର ରଶ୍ମିତାକୁ ଭୀଷଣ ଜ୍ୱର ହୋଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ରଶ୍ମିତାକୁ ଔଷଧ ଦେଇଥିଲେ। ବୁଧବାର ରଶ୍ମିତା ସକାଳ ପ୍ରାର୍ଥନାରେ ବସିଥିଲେ। ଏହି ସମୟରେ ସେ ଅସୁସ୍ଥତା ଅନୁଭବ କରୁଥିବାରୁ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରକ୍ତ ପରିକ୍ଷା ପରେ ସାଲାଇନ ଓ ଇଞ୍ଜେକସନ ଚାଲିଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ପାର୍ସାଲି ଡିକେଡିଏ କ୍ଷେତ୍ର ସହାୟକ ସତ୍ୟନାରାୟଣ ପ୍ରସାଦ କର ଡିଡବ୍ଲ୍ୟୁଓ ଦେବରାଜ ବେହେରା, ପିଏଆଇଟିଡିଏ ଟୁକୁ ବାରିକ ଓ ଶିକ୍ଷା ନିକେତନ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଥାନାଧିକାରୀ କପିଳେଶ୍ୱର ବେହେରା ଓ ଏସ୍ଆଇ କୁନି ଶବର କେଶ ନଂ. ୧୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି।

### ରାସ୍ତାକୁ ବାଜପେୟୀଙ୍କ ନାମରେ ନାମିତ ଦାବି

ଗୁଣପୁର,୧୯।୯(ଡି.ଏନ୍.ଏ.)- ରାୟଗଡା ଜିଲା ଗୁଣପୁର ସହର ମେଡିକାଲ ଛକରୁ ବାଇପାସ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରି ବାଜପେୟୀଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି। ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ସ୍ମୃତି ଟ୍ରଷ୍ଟ ପକ୍ଷରୁ ଗୁଣପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଭାବଗ୍ରାହୀ ସାହୁଙ୍କୁ ବୁଧବାର ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସୂର୍ଯ୍ୟ ନାରାୟଣ ରଥ, ସୋମନାଥ ଗୌଡ, ଅମ୍ବିକା ରାଣୀ ମହାପାତ୍ର, ସଂଯୋଜକ ଚିନ୍ମୟ ପାଣିଗ୍ରାହୀ, ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ବି.ସତିଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



### ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ

ରାୟଗଡା ଅଫିସ୍, ୧୯।୯- ରାୟଗଡା ସହରର ନ୍ୟୁ କଲୋନୀସ୍ଥିତ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ନିମନ୍ତେ ପୂଜା ମଣ୍ଡପ ନିକଟରେ ବୁଧବାର ସକାଳେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ସଭାପତି ସହଦେବ ଚୌଧୁରୀ, ଉପସଭାପତି ସନ୍ତୋଷ କୁମାର ପାତ୍ର, ସମ୍ପାଦକ ଏନ୍.ତ୍ରିନାଥ ରାଓଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ନ୍ୟୁକଲୋନୀ ଗଜପତି ପୂଜା କମିଟି ଆବାହକ ସବ୍ୟସାଚୀ ସାହୁ, ମଦନ ମୋହନ ପାଢ଼ୀ, ଗୋପୀନାଥ ସାହୁ, ଶଙ୍କର୍ଷଣ ମଙ୍ଗରାଜଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଦୀର୍ଘ ୨୨ବର୍ଷଧରି ଏହି ପୂଜା କମିଟି ପକ୍ଷରୁ ପ୍ରତିବର୍ଷ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୂମ୍‌ଧାମ୍‌ରେ ପାଳିତ ହୋଇ ଆସୁଛି । ଲୋକଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ମିନାବଜାର ଓ ବହୁ ଅସ୍ଥାୟୀ ଦୋକାନ ଖୋଲାଯିବ।



## ■ ଶାଶୁବୋହୂ ମାଳି ସୁରକ୍ଷା କମିଟି ବୈଠକ

# ଖଣି ଖନନକୁ ବିରୋଧ

**କମ୍ପାନୀ ଗାଡ଼ିକୁ ନ ଛାଡ଼ିବାକୁ ପ୍ରସ୍ତାବ ପାରିତ**



ଗ୍ରାମବାସୀଙ୍କୁ ନେଇ ବୈଠକ ଚାଲିଛି ।

**କାଶୀପୁର,୧୯।୯(ଡି.ଏନ୍.ଏ.):**

ରାୟଗଡା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଖୁରିଗାଁ ପଞ୍ଚାୟତରେ ବୁଧବାର ଶାଶୁବୋହୂ ମାଳି ଚତୁଃପାର୍ଶ୍ୱସ୍ଥ ବାସିନ୍ଦାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଶାଶୁବୋହୂ ମାଳିରୁ ଖଣି ଖନନ କରଯାଇ ଅନ୍ୟ କମ୍ପାନୀକୁ ଦେବା ନିଷ୍ପତ୍ତିକୁ ବୈଠକରେ ବିରୋଧ କରାଯାଇଛି। ଏଠାରେ ଖଣି ଖନନ କରିବାକୁ ପୂର୍ବରୁ ଅନେକ କମ୍ପାନୀ ଆସିଥିଲେ ମଧ୍ୟ ସେମାନଙ୍କୁ ଶାଶୁବୋହୂ ମାଳି ସୁରକ୍ଷା ସମିତି ୧୯୯୨ ମସିହାଠାରୁ ବିରୋଧ କରିଆସିଛି। ବର୍ତ୍ତମାନ ବହୁ ରାଷ୍ଟ୍ରୀୟ କମ୍ପାନୀ ଏଠାରେ କାର୍ଯ୍ୟ କରିବାକୁ ସାହସ କରିପାରି ନାହାନ୍ତି। କିନ୍ତୁ ଓଡ଼ିଶା ସରକାର ଓମ୍‌ସିକୁ ଏଠାରେ ବକ୍ସାଇଟ ଖନନ କରିବାକୁ ଅନୁମତି ଦେଇଛନ୍ତି। ଓଏମ୍‌ସି ଏଠାରେ ଖଣି ଖନନ କରି କଞ୍ଚାମାଲ ଅନ୍ୟ କମ୍ପାନୀକୁ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଇଥିବା ସୁରକ୍ଷା ସମିତି ଅଭିଯୋଗ କରିଛି। ଏପରି କି ଗ୍ରାମରେ କୌଣସି ଲୋକଙ୍କ ମତାମତ କିମ୍ବା ପଲ୍ଲିସଭା ନ କରି ଓଏମ୍‌ସି ଏଠାରେ ଶୁଭ ଦେବାର କାର୍ଯ୍ୟକ୍ରମ ରଖିଥିବା ସୁରକ୍ଷା ସମିତି ଅଭିଯୋଗ କରିଛି। ଆଗାମୀ ଦିନରେ କୌଣସି କମ୍ପାନୀ ଗାଡ଼ିକୁ ମାଳିରେ ପ୍ରବେଶ କରାଇ ନ ଦେବାକୁ ବୈଠକରେ ପ୍ରସ୍ତାବ ପାରିତ ହୋଇଛି। ଏଥିରେ ଲୋକନାଥ ନାଏକ, ନବୀନ ନାଏକ, ହୁତାଶନ ନାଏକ, ଅନନ୍ତ ମାଝିଙ୍କ ସମେତ ମାଳି ଚତୁଃପାର୍ଶ୍ୱସ୍ଥ ବାସିନ୍ଦା ଯୋଗଦେଇଥିଲେ।

## ■ ମହୁମାଛି ଆକ୍ରମଣରେ କାରୁବାଇ ଉଚ୍ଚ ବିଦ୍ୟାଳୟର ଛାତ୍ର ମୃତ୍ୟୁ ଘଟଣା

# ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ

**ରାୟଗଡା ଅଫିସ୍, ୧୯।୯–** ରାୟଗଡା ବ୍ଲକ୍ କାରୁବାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦ଜଣ ଛାତ୍ର ଗତ ୧୨ ତାରିଖରେ ଗଣେଶ ପୂଜା ପାଇଁ ପ୍ରଧାନଶିକ୍ଷକ ଜଗନ୍ନାଥ ମାଣ୍ଡାଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଗାଁ ନିକଟସ୍ଥ ଜଙ୍ଗଲକୁ ଆମ୍ବ ଡାଳ ଆଣିବାକୁ ଯାଇଥିବା ବେଳେ ୬ଜଣ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରାଯିବା ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି।

ପ୍ରକାଶ ଯେ, ଗତ ବୁଧବାର ସନ୍ଧ୍ୟାରେ ମହୁମାଛି ଆକ୍ରମଣରେ ଆହତ ଛାତ୍ରମାନେ ଗୁରୁତର ଅବସ୍ଥାରେ ବିଦ୍ୟାଳୟରେ ପହଞ୍ଚ ଘଟଣା ସମ୍ପର୍କରେ ପିଅନ ଗଙ୍ଗାଧର ମାଣ୍ଡାଙ୍ଗୀଙ୍କୁ ଜଣାଇଥିଲେ। ସେ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ କୌଣସି ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ନ ଥିଲେ। ପ୍ରଧାନଶିକ୍ଷକ ଖବର ପାଇ ସନ୍ଧ୍ୟା ୬ଟାରେ ରାୟଗଡାରୁ ସ୍କୁଲରେ ପହଞ୍ଚିବା ସତ୍ତ୍ୱେ ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ନେଇ ରାତି ସାରା ସ୍କୁଲ ପରିସରରେ ବିନା ଚିକିତ୍ସାରେ ରଖିଥିଲେ। ବିଳମ୍ବିତ ରାତିରେ ଦ୍ୱିତୀୟ ଶ୍ରେଣୀର ଛାତ୍ର ଦେବଦାସ ଉୁଇକାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବା ସହ ବିଦ୍ୟାଳୟ ପରିସରରେ ତାଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାର ସକାଳୁ ଗ୍ରାମବାସୀଙ୍କ ସହାୟତାରେ ଗୁରୁତର ୫ଜଣ ଛାତ୍ରଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରଧାନଶିକ୍ଷକଙ୍କ ସମେତ ବିଦ୍ୟାଳୟର ଅନ୍ୟ ୩ଜଣ ଶିକ୍ଷକ ବୁଧବାର ସନ୍ଧ୍ୟାରେ ଘଟିଥିବା ଘଟଣା ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରି ନ ଥିଲେ। ଘଟଣା ପ୍ରକାଶ ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା ଓ ଅନ୍ୟ ଅଧିକାରୀମାନେ ବିଦ୍ୟାଳୟକୁ ଯାଇ ଏହାର ତଦନ୍ତ କରି ରିପୋର୍ଟ ଜିଲା ପ୍ରଶାସନକୁ ପଠାଇଥିଲେ। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ରାୟଗଡା ବ୍ଲକ ଶିକ୍ଷାଧିକାରୀ ରଜନୀକାନ୍ତ ସାମନ୍ତରାୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଜଗନ୍ନାଥ ମାଣ୍ଡାଙ୍ଗୀଙ୍କୁ ନିଲମ୍ବିତ କରିଛନ୍ତି। ଏଥିସହିତ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏବଂ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ନୂତନ ପ୍ରଧାନଶିକ୍ଷକ ନିଯୁକ୍ତି ହେବା ପର୍ଯ୍ୟନ୍ତ ସହକାରୀ ଶିକ୍ଷକ ବାବୁଲା ଗରଡିଆଙ୍କୁ ଦିଆଯାଇଛି। ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ସେମାନଙ୍କ ଉତ୍ତର ହସ୍ତଗତ ହେବାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ଅଳ୍ପଦିନ ମଧ୍ୟରେ ଉକ୍ତ ବିଦ୍ୟାଳୟର ପରିଚାଳନା ନିମନ୍ତେ ଜଣେ ଅଭିଜ୍ଞ ପ୍ରଧାନଶିକ୍ଷକଙ୍କୁ ନିୟୋଜିତ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ କହିଛନ୍ତି।

## ବଜ୍ରପାତରେ ଗାଈ ମଡ଼କ ଘଟଣା

# ତଦନ୍ତ କଲା ପ୍ରାଣୀ ଚିକିତ୍ସା ବିଭାଗ



ଚିକିତ୍ସକ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି ।

**ମୁନିଗୁଡା, ୧୯।୯(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅଞ୍ଚଳ ନିୟମଗିରି ପାହାଡରେ ଚରିବାକୁ ଯାଇଥିବା ଗାଈଙ୍କ ମଧ୍ୟରୁ କେତେକ ବଜ୍ରପାତରେ ମରିଥିବା ଘଟଣାର ତଦନ୍ତ ପାଇଁ ବୁଧବାର ବିଷମକଟକ ତହସିଲଦାର ଶୁଭେନ୍ଦୁ କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏକ ଡାକ୍ତରୀ ଦଳ ଘଟଣାସ୍ଥଳକୁ ଯାଇଛନ୍ତି। ଚରିବାକୁ ଯାଇଥିବା ୩୦୦ଟି ଗାଈଙ୍କ ମଧ୍ୟରୁ ୧୩୧ଟି ଗାଈ ମରିଥିବା ସ୍ପଷ୍ଟ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ଗାଈ ମାଲିକଙ୍କୁ ସରକାର ସହାୟତା ଦିଆଯିବା ପାଇଁ ଚେଷ୍ଟା କରାଯିବ। ବର୍ତ୍ତମାନ ସୁଦ୍ଧା କାହାର କେତୋଟି ଗାଈ ମରିଛି ତାହା ସ୍ପଷ୍ଟ ହୋଇ ନଥିବାବେଳେ କୁତ୍ରାଗଡ ଆରଆଇ ସର୍କଲ୍‌ରେ ୬୧ଟି, ହାଟମୁନିଗୁଡା ଆରଆଇ ସର୍କଲ୍‌ରେ ୫୫ ଓ ଝିଗିଡି ଅଞ୍ଚଳରେ ୧୫ ଗାଈ ମରିଛନ୍ତି ବୋଲି ବିଷମକଟକ ତହସିଲଦାର ଜେନା ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଖୁଣ୍ଟରୁ ଖସି ଶ୍ରମିକ ମୃତ

**ରାୟଗଡା ଅଫିସ୍, ୧୯।୯–** ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଭାଲୁମାସ୍କା ଷ୍ଟେଶନରୁ ଲେଲିଗୁମ୍ମା ମଧ୍ୟରେ ରେଲୱେ ଲାଇନ୍ ପାଇଁ ପୋତାଯାଉଥିବା ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବା ବେଳେ ଶ୍ରମିକ ଜଣଙ୍କ ଖସି ପଡିବାରୁ ତାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲା ବସ୍ତେପୁତା ଗ୍ରାମର ତଫାଜୁଲ ହକ୍ ମଲ୍ଲିକ(୩୮)।

ପ୍ରକାଶ ଯେ, ସିଙ୍ଗାପୁର ଷ୍ଟେଶନରୁ ଦାମନଯୋଡି ପର୍ଯ୍ୟନ୍ତ ରେଳଧାରଣାର ପାର୍ଶ୍ୱରେ ବିଦ୍ୟୁତକରଣ ଏକ ଠିକା ସଂସ୍ଥା କାମ କରାଉଛି। ତଫାଜୁଲ ବୁଧବାର ସନ୍ଧ୍ୟାରେବିଦ୍ୟୁତ ଖୁଣ୍ଟିରେ ଚଢି କାମ କରୁଥିବା ବେଳେ କୌଣସି କାରଣରୁ ଖସି ପଡି ଗୁରୁତର ହୋଇଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ କଲ୍ୟାଣସିଂହପୁର ପୋଲିସକୁ ସୂଚନା ଦିଆଯାଇଥିଲା । ଖବରପାଇ ଥାନାଧିକାରୀ ନିର୍ଦ୍ଦେଶକ୍ରମେ ଏସ୍ଆଇ ସନ୍ତୋଷ ସିରିକାଙ୍କ ସେଠାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛନ୍ତି। ତଫାଜୁଲଙ୍କ ଭାଇ ମମତାଜ ଅଲ୍ଲି ମଲ୍ଲିକ ଏନେଇ କଲ୍ୟାଣସିଂହପୁର ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ପକ୍ଷରୁ ୧୦/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକେ ପଶ୍ଚିମବଙ୍ଗ ନେଇଯାଇଛନ୍ତି। ଠିକା କମ୍ପାନୀ ପକ୍ଷରୁ ତଫାଜୁଲଙ୍କ ମୃତ୍ୟୁପରେ କୌଣସି ସହାୟତା ପ୍ରଦାନ କରାଯାଇନଥିବା ତାଙ୍କ ଭାଇ ମମତାଜ ଅଲ୍ଲି ମଲ୍ଲିକ ଅଭିଯୋଗ କରିଛନ୍ତି। ଆଇନ୍ ଅନୁଯାୟୀ ସମସ୍ତ କ୍ଷତିପୂରଣ ଯୋଗାଇଦେବାକୁ ସେ ଦାବି କରିଛନ୍ତି।

## ଶିକ୍ଷକ ଅଧ୍ୟାପକ, କର୍ମଚାରୀ ମିଳିତ ମଞ୍ଚର ବିକ୍ଷୋଭ ଶୋଭାଯାତ୍ରା

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋର୍‌ଦାର ହେବ

**ମୁନିଗୁଡା, ୧୯।୯(ଡି.ଏନ୍.ଏ.)**




ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ରାୟଗଡା ଜିଲା ମୁନିଗୁଡାରେ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମିଳିତ ମଞ୍ଚର ବରିଷ୍ଠ ସଦସ୍ୟ ମନୋଜ କୁମାର ପାଢୀ, ହୃଷୀକେଶ ଜାଲିଙ୍କ ମିଳିତ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର, ଅଭିଭାବକ ଓ ସଂଘ ସଦସ୍ୟମାନେ ଏକାଠି ହୋଇ ମୁନିଗୁଡା ମହାବିଦ୍ୟାଳୟ ପରିସରରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାଟି ସହର ପରିକ୍ରମା କରି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇ ପୁଣି ମୁନିଗୁଡା ମହାବିଦ୍ୟାଳୟକୁ ଫେରିଥିଲା। ସ୍କୁଲକୁ ପୂର୍ଣ୍ଣ ସରକାରୀ ଅନୁଦାନ, ସମାନ କାମକୁ ସମାନ ଦରମା, ପେନସନ, ଅବସର ବୟସ ୬୦ରୁ ୬୨ କୁ ବୃଦ୍ଧି ସହ ଅନ୍ୟ ଦାବିରେ ମିଳିତ ମଞ୍ଚ ପକ୍ଷରୁ ପଞ୍ଚାୟତ ଚାଲ ଅଭିଯାନ ଚାଲିଛି। ଏହାକୁ ଅଧିକ ସକ୍ରିୟ କରିବା ପାଇଁ ଏହି ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ମିଳିତ ମଞ୍ଚର ସୁଶାନ୍ତ ପଣ୍ଡା, ରାମନାଥ ମହାପାତ୍ର, ବିରାଟ କିଶୋର ପଣ୍ଡା, ରାଜ କିଶୋର ବେହେରା, କୈଳାସ ପ୍ରସାଦ ରଥ, ରାମଚନ୍ଦ୍ର ପାଢୀ, ନୃସିଂହ ଚରଣ ନାୟକ, ତରୁଣ କୁମାର ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

## ଦ୍ୱିତୀୟ ଦିନରେ ଡିପ୍ଲୋମା ଇଞ୍ଜିନିୟର ସଂଘ ଆନ୍ଦୋଳନ

# ଗୁଣପୁର, ମୁନିଗଡ଼ାରେ ସଂଘ ବୈଠକ

**ଗୁଣପୁର/ମୁନିଗୁଡା, ୧୯।୯ (ଡି.ଏନ.ଏ)–** ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ଆହ୍ୱାନ କ୍ରମେ ରାୟଗଡା ଜିଲା ଗୁଣପୁର, ପଦ୍ମପୁର, ଗୁଡାରୀ ଏବଂ ରାମନାଗୁଡା ଅଞ୍ଚଳ ଯନ୍ତ୍ରୀଙ୍କ ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସେମାନଙ୍କ ଆନ୍ଦୋଳନ ଅକଟବର ୩୧ ପର୍ଯ୍ୟନ୍ତ ଚାଲିବ। ସେତେଦିନ ପର୍ଯ୍ୟନ୍ତ ଇଂଜିନିୟରମାନେ ଛୁଟିରେ ରହିବେ ବୋଲି ବୁଧବାର ଗୁଣପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ମିଳିଛି। ଜୋନାଲ ଆଡିସନାଲ ସେକ୍ରେଟାରି ସୁଶାନ୍ତ କୁମାର ପାଢୀଙ୍କ ନେତୃତ୍ୱରେ ଇ.ଶ୍ରୀହରି, ପ୍ରତାପ କୁମାର ମିଶ୍ର, ଦୂର୍ଯୋଧନ ଜାନି, ଲୋକନାଥ ଯାଦବ, ଏମ. ମହେଶ୍ୱରରାଓ, ପି.ମୋହନ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ମୁନିଗୁଡା ବ୍ଲକ ପୂର୍ତ୍ତ ବିଭାଗ ବଙ୍ଗଳା ପରିସରରେ ମଧ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନର ଆନ୍ଦୋଳନରେ ମୁନିଗୁଡା, ବିଷମକଟକ ଓ ଚନ୍ଦ୍ରପୁରର ସମସ୍ତ ଯନ୍ତ୍ରୀ ଆନ୍ଦୋଳନରେ ଭାଗ ନେଇଥିଲେ। ସମସ୍ତ ଯନ୍ତ୍ରୀ ଛୁଟିରେ ଥିବାରୁ ବ୍ଲକର ସମସ୍ତ ବିଭାଗରେ କାମ ଏକ ରକମ ଠପ୍ ହୋଇଛି। ସନ୍ତୋଷ କୁମାର ପ୍ରଧାନ, ଜୟପ୍ରକାଶ ନାରାୟଣ ଭଟ୍ଟରାୟ, ନିରଞ୍ଜନ ବେହେରା, ଅମ୍ବିକା ଦାଶ, ଜୟରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡିପ୍ଲୋମା ଇଞ୍ଜିନିୟରଙ୍କ ମୂଳ ନିଯୁକ୍ତି ପଦବି ସହକାରୀ ଯନ୍ତ୍ରୀ କରାଯିବା ଓ ପଦୋନ୍ନତି ହାର ୫୦ ପଅତିଶତ ବୃଦ୍ଧି, ପଞ୍ଚାୟତି ରାଜ ବିଭାଗରେ ସମସ୍ତ ଜିପିଟିଏ ଓ କନିଷ୍ଠ ଯନ୍ତ୍ରୀ-୨ଙ୍କୁ ନିୟମିତ କନିଷ୍ଠ ଯନ୍ତ୍ରୀଭାବେ ନିଯୁକ୍ତି ପ୍ରଦାନ ଏବଂ ବର୍ତ୍ତମାନରସମସ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ସହକାରିଯନ୍ତ୍ରୀ ପଦବୀକୁ ଉନ୍ନିତ କରିବା ସହ ଅନ୍ୟ ଦାବି ରହିଛି।



ମୁନିଗୁଡା ବୈଠକରେ ଉପସ୍ଥିତ ସଂଘ ସଦସ୍ୟ

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଭସାଣି

**ଟିକିରି, ୧୯।୯(ଡି.ଏନ୍.ଏ.)–** କାଶୀପୁର ବ୍ଲକ ଟିକିରି ସୋରିଷପଦର ନିକଟସ୍ଥ ସାଉଥକୋ ବିଦ୍ୟୁତ୍ ସବ୍‌ଷ୍ଟେଶନରେ ବୁଧବାର ବିଶ୍ୱକର୍ମାଙ୍କ ଭସାଣୀ ହୋଇଯାଇଛି। ଏଥିରେ ଯନ୍ତ୍ରୀ ନିର୍ମଳ କୁମାର ଦେହୁରୀ ଉପସ୍ଥିତ ଥିଲେ। ଏହା ସହିତ ଏସ୍.ଏସ୍.କର,ବଳରାମ ମିଶ୍ର, ବାଲାଜି ଭରତ ବେହେରା ଓ ସଞ୍ଜୀବ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନୂଆପୋଡା ସବ୍‌ଷ୍ଟେଶନରେ ବିଶ୍ୱକର୍ମାଙ୍କ ଭଷାଣି କରାଯାଇଛି।

## ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀ ପୁରସ୍କୃତ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

**ଗୁଣପୁର,୧୯।୯(ଡି.ଏନ୍.ଏ.)**

ଲଘୁଚାପ ଜନିତ ବର୍ଷା ଯୋଗୁ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ କାଣ୍ଟ ଛାଟ ହେବାସହ ପୁରସ୍କାର ବିତରଣ ହୋଇ ପାରି ନ ଥିଲା। ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଉପଜିଲାପାଳ ଅମ୍ରିତ ଋତୁରାଜ ଏବଂ ତହସିଲଦାର ନମ୍ରତା ମୋଦି ଅତିଥିଭାବେ ଯୋଗଦେଇ ପୁରସ୍କୃତ କରିଛନ୍ତି।

## ବିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କୋଲନରା, ୧୯।୯(ଡି.ଏନ୍.ଏ.)–** କୋଲନରା ବ୍ଲକ୍‌ର ପୂର୍ବତନ ବିଇଓ ଜୟଚନ୍ଦ୍ର ପାଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ନୂତନ ବିଇଓ ଏମ୍.ଖଗେଶ୍ୱର ରାଓ, ବିଆର୍‌ସିସି, ଏବିଇଓ ବୃନ୍ଦାବନ ମାରାଣ୍ଡି, ସୁବୋଧ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଇଓ ଜୟଚନ୍ଦ୍ର ପାଠୀ ବିଷମକଟକ ସହିତ କୋଲନରା ବ୍ଲକ୍ ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ। ଗତ ୭ ତାରିଖରେ କୋଲନରା ବ୍ଲକ୍‌ରେ ନୂତନ ବିଇଓ ଯୋଗଦେବା ପରେ ଅତିରିକ୍ତ ଦାୟିତ୍ୱରୁ ପାଠୀ ଅବ୍ୟାହତି ନେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କିରାଣି ଅଶୋକ କୁମାର ସାମଲ, କେ.ଏନ୍ ରାଓ, ବିଆର୍‌ଟି ବୀଣାପାଣି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୯ଦିନ ପରେ ସ୍କୁଲରୁ ଖୋଲିଲା ତାଲା

**ସରାବୁପିଟେଶୁ ୟୁପି ସ୍କୁଲ**

■ ସ୍କୁଲରେ ଅବ୍ୟବସ୍ଥା ଯୋଗୁ ଅଭିଭାବକମାନେ ପକାଇଥିଲେ ତାଲା

■ ବିଇଓଙ୍କ ହସ୍ତକ୍ଷେପ ପରେ ତାଲା ଖୋଲିଲା

**ଜେକେପୁର, ୧୯।୯(ଡି.ଏନ୍.ଏ.)**

ସ୍କୁଲରେ ଲାଗି ରହିଥିଲା ଅବ୍ୟବସ୍ଥା। ଉପଯୁକ୍ତ ଭିତ୍ତିଭୂମି ଅଭାବ ନେଇ ବାରମ୍ବାର ପ୍ରଶାସନକୁ ଜଣାଇ ନିରାଶ ହେବା ପରେ ଗ୍ରାମବାସୀ ଗତ ୯ ତାରିଖରୁ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଏହାଦ୍ୱାରା ସ୍କୁଲରେ ପାଠପଢା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏ ନେଇ ଗତ ୧୬ତାରିଖରେ ବିଭିନ୍ନ ଖବରକାଗଜରେ ବିଦ୍ୟାଳୟରେ ତାଲା ପଡିବା ଘଟଣା ଖବର ପ୍ରକାଶିତ ହେବା ପରେ ଜଲା ଶିକ୍ଷାଧିକାରୀ ତତ୍ପରତା ଦେଖାଇ ବିଇଓଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ବିଇଓ ସ୍କୁଲକୁ ଯାଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମେତ ଅଭିଭାବକ, ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟର କର୍ତ୍ତୃପକ୍ଷମାନଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ସମସ୍ୟା ସମାଧାନର ପ୍ରତିଶ୍ରୁତି ପରେ ସ୍କୁଲରୁ ତାଲା ଖୋଲାଯାଇଥିଲା। ବୁଧବାରଠାରୁ ସ୍କଉଲରେ ପାଠପଢା ସ୍ୱାଭାବିକ ହୋଇଛି।



ସ୍କୁଲରେ ନିର୍ମାଣ କାର୍ଯ୍ୟ ଚାଲିଛି ।

ପ୍ରକାଶ ଯେ, ରାୟଗଡା ଜିଲା କୋଲନରା ବ୍ଲକ ସରାବୁପିଟେଶୁ ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଅତିରିକ୍ତ ଶ୍ରେଣୀଗୃହ ଓ ପାଇଖାନା ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ସ୍କୁଲ କର୍ତ୍ତୃପକ୍ଷ ଓ ଗ୍ରାମବାସୀ ଜଣାଇ ଆସୁଥିଲେ। କିନ୍ତୁ ସେମାନଙ୍କୁ କେବଳ ପ୍ରତିଶ୍ରୁତି ମିଳୁଥିଲା। ଏଥିରେ ଉତ୍ୟକ୍ତ ହୋଇ ସେମାନେ ତାଲା ପକାଇବା ପରେ ବିଇଓ ଘଟଣାସ୍ଥଳକୁ ଯାଇ ଆଲୋଚନା କରିଥିଲେ। ବିଦ୍ୟାଳୟରେ ପଡି ରହିଥିବା ଅର୍ଦ୍ଧନିର୍ମିତ ଦୁଇଟି ପାଇଖାନା ଓ ଅତିରିକ୍ତ ଶ୍ରେଣୀଗୃହ ନିମନ୍ତେ ପରିଚାଳନା କମିଟିର ସଭାପତି ଓ ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ତବେ ସର୍ବଶିକ୍ଷା ଅଭିଯାନ, ରାୟଗଡାର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୀବ ପାଢୀ ଓ କନିଷ୍ଠ ଯନ୍ତ୍ରୀ ଦୀପଙ୍କର ସ୍ୱାଇଁ ବିଦ୍ୟାଳୟକୁ ଗସ୍ତ କରି କାର୍ଯ୍ୟାରମ୍ଭ କରିବା ପାଇଁ ଠିକାଦାରଙ୍କୁ କହିଛନ୍ତି।